ଦିଗ୍‌ଦର୍ଶନ

# ଜୀବ ପ୍ରତି ନିଷ୍ଠୁରତା ଆମ ପାଇଁ ବିପଦ

■ ମେନକା ଗାନ୍ଧୀ
ଲୋକସଭା ସଦସ୍ୟା ତଥା ପିପୁଲ୍‌ସ ଫର୍ ଆନିମଲ୍‌ସର ଅଧ୍ୟକ୍ଷା

ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତାକୁ ହାଲୁକା ଭାବେ ବିଚାର କରିବା ଉଚିତ ନୁହେଁ, କାରଣ ଜଣେ ମନୁଷ୍ୟ ଅନ୍ୟ ମନୁଷ୍ୟ ପ୍ରତି କିପରି ଆଚରଣ କରିବ, ତାହାର ସୂଚନା ଜୀବଜନ୍ତୁଙ୍କ ପ୍ରତି ତା'ର ବ୍ୟବହାରରୁ ସୂଚିତ ହୋଇଥାଏ । ଏଠାରେ ମୁଁ ସେ ସମ୍ପର୍କିତ ଏକ ଉଦାହରଣ ଦେଉଛି : ଦିଲ୍ଲୀରେ ଶୀଳମପୁର ନାମକ ଏକ ଝୁମ୍ପୁଡ଼ି ବସ୍ତି ରହିଛି । ଏ ହେଉଛି ସେହି ସ୍ଥାନ, ଯେଉଁଠାରେ କି ପଶୁପକ୍ଷୀଙ୍କ ପ୍ରତି ସମସ୍ତ ପ୍ରକାର ଅପରାଧମୂଳକ କାର୍ଯ୍ୟ ସଂଗଠିତ ଭାବେ ହୋଇଥାଏ । ବେଆଇନ ଘୁଷୁରି ହତ୍ୟା, ବିଭିନ୍ନ ଅପରାଧୀ ଗ୍ୟାଙ୍ଗ୍ ଦ୍ୱାରା ପକ୍ଷୀମାନଙ୍କୁ ବହୁ ସଂଖ୍ୟାରେ ଆଣି ବିକ୍ରି କରାଯିବା, ବେଆଇନ୍ ଭାବେ ଗାଈଗୋରୁଙ୍କୁ ଆଣି କଂସେଇଖାନାରେ ହତ୍ୟା କରାଯିବା, କୁକୁର ଚୋରି ଆଦି କାର୍ଯ୍ୟ ଚାଲିବା ସହ ଭାଲୁ ଓ ମାଙ୍କଡ଼ ରଖିଥିବା ଅନେକ ଲୋକ ଏଠାରେ ରହନ୍ତି । ଏଠାରେ ଅନେକ ଲୋମହର୍ଷଣକାରୀ ହିଂସାତ୍ମକ କାର୍ଯ୍ୟ ହୋଇଥାଏ । ପୋଲିସ୍ ମଧ୍ୟ ସେଠାରେ ପ୍ରବେଶ କରିବାକୁ ଭୟ କରନ୍ତି । ସେହି ସ୍ଥାନକୁ ଗୋଟିଏ ଟ୍ରକ୍‌ରେ ଘୁଷୁରିମାନଙ୍କୁ ଅଣାଯାଇ ସେମାନଙ୍କୁ ରାସ୍ତା ଉପରେ ହତ୍ୟା କରାଯାଉଥିବା ସମ୍ପର୍କରେ ଜଣେ କଲେଜ ଛାତ୍ର ଆମକୁ ଯେତେବେଳେ ଖବର ଦେଲେ ଆମେ ସେଠାରେ ପହଞ୍ଚି ଦେଖିଲା ବେଳକୁ ସେହି ଘଟଣାର ପ୍ରମାଣ ନିଶ୍ଚିହ୍ନ ହୋଇଯାଇଛି । ସେହି ଛାତ୍ରଙ୍କୁ ସମ୍ପୃକ୍ତ କଲେଜର ପ୍ରିନ୍ସିପାଲ ତାଙ୍କ ସାକ୍ଷ୍ୟ ବା ବୟାନ ବଦଳାଇବାକୁ ଧମକ ଦେଇଥିଲେ । ନିକଟରେ ପୋଲିସ୍ ଯେତେବେଳେ ସେହି ସ୍ଥାନକୁ ଯାଇଥିଲେ, ବସ୍ତିର ପିଲାମାନେ ସେମାନଙ୍କ ଉପରକୁ ଟେକା ପଥର ଓ ହାତ ତିଆରି ଗ୍ରେନେଡ୍ ଫିଙ୍ଗିଥିଲେ । ଏପରି କି ସେହି ଆକ୍ରମଣରେ ସମ୍ପୃକ୍ତ ଅଞ୍ଚଳର ଡି.ଏସ୍.ପି. ମଧ୍ୟ ଆହତ ହୋଇଥିଲେ । କିଶୋର ବୟସର ଯେଉଁ ପିଲାମାନେ କଂସେଇ କାମରେ ଜଡ଼ିତ ରହନ୍ତି, ସେମାନଙ୍କ ଆଚରଣକୁ ଲକ୍ଷ୍ୟକଲେ ଆପଣ ଅନୁମାନ କରିପାରିବେ ଯେ, ସେମାନେ ପରସ୍ପରକୁ ହତ୍ୟା କରିବା ପୂର୍ବରୁ ମଧ୍ୟ ଦୁଇଥର ଚିନ୍ତା କରିବେ ନାହିଁ । ତିହାର ଜେଲ୍‌କୁ ଯାଇ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ହିଂସାତ୍ମକ ଅପରାଧ ଅଭିଯୋଗରେ ସେଠାରେ କଏଦୀ ଥିବା ପିଲାମାନଙ୍କ ସଂପର୍କରେ ଅନୁଧ୍ୟାନ କରନ୍ତୁ, ଆପଣ ଜାଣିପାରିବେ ଯେ ସେମାନେ ସମସ୍ତେ ମନୁଷ୍ୟ ପ୍ରତି ହିଂସା ଆଚରଣ କରିବା ପୂର୍ବରୁ ପଶୁପକ୍ଷୀଙ୍କ ପ୍ରତି ଜଘନ୍ୟ ନିଷ୍ଠୁରତାରେ ଜଡ଼ିତ ଥିଲେ । ପଶୁପକ୍ଷୀଙ୍କ ପ୍ରତି ନିଷ୍ଠୁରତା ଓ ଯୁବକ ଅବସ୍ଥାରେ ହିଂସାକାଣ୍ଡ ମଧ୍ୟରେ ନିବିଡ଼ ସମ୍ପର୍କ ଥିବାର ସମସ୍ତ ଦେଶରେ ଲକ୍ଷ୍ୟ କରାଯାଏ । ସେ ଦୃଷ୍ଟିରୁ କିଶୋର ବୟସର ପିଲାମାନେ ନିମ୍ନୋକ୍ତ କେତେକ ବିଷୟ ଜାଣିବା ଆବଶ୍ୟକ ।

## ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା କ'ଣ ?

ପ୍ରାଣୀ ପ୍ରତି ନିଷ୍ଠୁରତା ସେହି ଆଚରଣକୁ ବୁଝାଏ, ଯାହା କି ପ୍ରାଣୀ ପ୍ରତି କ୍ଷତିକାରକ ହୋଇଥାଏ । ପ୍ରାଣୀ ପ୍ରତି ଉଦ୍ଦେଶ୍ୟହୀନ ଅବହେଳାଠାରୁ ଆରମ୍ଭ କରି ତାକୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିବା ପର୍ଯ୍ୟନ୍ତ ଏହି ଆଚରଣ ପରିସରଭୁକ୍ତ । ପ୍ରାଣୀ ପ୍ରତି ନିଷ୍ଠୁରତାର ଯେଉଁସବୁ ଘଟଣାଗୁଡ଼ିକ ସମ୍ପର୍କରେ ଅନୁଧ୍ୟାନ କରାଯାଇଛି, ତନ୍ମଧ୍ୟରୁ ଅଧିକାଂଶ ଉଦ୍ଦେଶ୍ୟବିହୀନ ଅବହେଳା ପର୍ଯ୍ୟାୟଭୁକ୍ତ ହୋଇଥିବାରୁ ତାହାକୁ ସଚେତନତା ସୃଷ୍ଟି ଦ୍ୱାରା ବନ୍ଦ କରାଯାଇ ପାରିବ । ପଶୁପକ୍ଷୀ ପାଳନ କରିଥିବା ମାଲିକଙ୍କୁ ପରାମର୍ଶ ଦିଆଯାଇପାରେ ଯେ, ଗୋଟିଏ କୁକୁରକୁ ଦିନସାରା ଫାଟକ ପାଖରେ ବାନ୍ଧି ରଖାଯାଇ ନ ପାରେ କିମ୍ବା ତା' ଦେହରୁ ଟିଙ୍କ କଢ଼ାଯିବା ଦରକାର ଅଥବା ପକ୍ଷୀକୁ ପଞ୍ଜୁରୀ ଭିତରେ ଆବଦ୍ଧକରି ରଖାଯିବା ଦ୍ୱାରା ସେ ଖୁସି ନୁହେଁ । ପଶୁପକ୍ଷୀଙ୍କୁ ଖାଇବା, ପିଇବା, ଆଶ୍ରୟ ଦିଆ ନ ଯିବା, ସେମାନଙ୍କୁ ସେହି ପ୍ରଜାତିର ଅନ୍ୟମାନଙ୍କ ସହ ମିଶିବାର ସୁଯୋଗ ଦିଆ ନ ଯିବା, ପଶୁ ଚିକିତ୍ସକଙ୍କ ଦ୍ୱାରା ସେମାନଙ୍କ ଯତ୍ନ ନ ନେବା କିମ୍ବା ଦୁରଭିସନ୍ଧି ରଖି ତାକୁ କଲବଲ କରାଯିବା, ସେମାନଙ୍କୁ ବିକଳାଙ୍ଗ କରିଦେବା, କୌଣସି ଅଙ୍ଗ କାଟିଦେବା କିମ୍ବା ସେମାନଙ୍କୁ ହତ୍ୟା କରିବା ହେଉଛି ଉଦ୍ଦେଶ୍ୟମୂଳକ ନିଷ୍ଠୁରତା ବା ଦୁର୍ବ୍ୟବହାର ପର୍ଯ୍ୟାୟଭୁକ୍ତ । ଏତଦ୍‌ବ୍ୟତୀତ କୌଣସି ପ୍ରାଣୀକୁ ଛୁରୀ ମାରିବା କିମ୍ବା ଆଘାତ କରିବା, ଝରକା ଦେଇ କିମ୍ବା ଚଳନ୍ତା କାର୍ ଭିତରୁ ବାହାରକୁ ଫିଙ୍ଗିଦେବା, ନିଆଁରେ ପୋଡ଼ିଦେବା ଓ ତାକୁ କୌଣସି ବେଆଇନ ଔଷଧ ଖାଇବାକୁ ଦେବା ମଧ୍ୟ ଉଦ୍ଦେଶ୍ୟମୂଳକ ନିଷ୍ଠୁରତା ।

## କୌଣସି ପ୍ରାଣୀ ପ୍ରତି ଜଣେ ଉଦ୍ଦେଶ୍ୟମୂଳକ ନିଷ୍ଠୁରତା ଆଚରଣ କରେ କାହିଁକି ?

ଏହାର ଅନେକ କାରଣ ଥାଇପାରେ । ଅନ୍ୟାନ୍ୟ ହିଂସାତ୍ମକ କାର୍ଯ୍ୟ ଭଳି ପ୍ରାଣୀ ପ୍ରତି ନିଷ୍ଠୁରତା ସେହି ବ୍ୟକ୍ତି କରିଥାନ୍ତି, ଯେ କି ନିଜକୁ କ୍ଷମତାହୀନ, କ୍ରୋଧିତ, ଉପେକ୍ଷିତ ଏବଂ ଅନ୍ୟ ଦ୍ୱାରା ନିୟନ୍ତ୍ରିତ ବୋଲି ମନେକରୁଥାନ୍ତି । ଏଭଳି ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ ମନରେ ଆଘାତ, ଧମକ ଭୟ ଓ ଅପମାନ ଭାବ ସୃଷ୍ଟି କରିବା କିମ୍ବା ସାମାଜିକ ନିୟମ କାନୁନ୍ ବିରୋଧରେ ବିଦ୍ରୋହର ସୂଚନା ଦେବା ପାଇଁ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁର ଆଚରଣ କରିଥାନ୍ତି । ଅନ୍ୟ କେତେକ ବ୍ୟକ୍ତି ସେମାନେ ଦେଖିଥିବା ଘଟଣା କିମ୍ବା ସେମାନେ ନିଜେ ସମ୍ମୁଖୀନ ହୋଇଥିବା ଘଟଣାର ପୁନରାବୃତ୍ତି କରିବା ଲାଗି ଅନ୍ୟ ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରିଥାନ୍ତି । ଏକ ନିର୍ଦ୍ଦିଷ୍ଟ ପ୍ରାଣୀ ପ୍ରତି ଯତ୍ନ ବା ଦୟା ଭାବ ପ୍ରଦର୍ଶନ କରୁଥିବା ବ୍ୟକ୍ତି ବିରୁଦ୍ଧରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଅନ୍ୟ କେତେକ ବ୍ୟକ୍ତି ସେଭଳି କରିଥାନ୍ତି ।

## ପଶୁପକ୍ଷୀଙ୍କ ଯତ୍ନ କାହିଁକି ନେବା ଆବଶ୍ୟକ ?

ପଶୁପକ୍ଷୀଙ୍କ ପ୍ରତି ନିଷ୍ଠୁରତା ଏକ ଉଦ୍‌ବେଗର ବିଷୟ, କାରଣ କୌଣସି ଜୀବକୁ କଷ୍ଟଦେବା ଭୁଲ୍ । ବିଶେଷତଃ ଉଦ୍ଦେଶ୍ୟମୂଳକ ନିଷ୍ଠୁରତା ହେଉଛି ଅଧିକ ଚିନ୍ତାର ବିଷୟ । ସେଥିରୁ ସଂପୃକ୍ତ ବ୍ୟକ୍ତି କାହିଁକି ସେଭଳି କରୁଛି, ତାହାର ସୂଚନା ମିଳିଥାଏ । ସେଭଳି ବ୍ୟକ୍ତି ସହାୟତା ଆବଶ୍ୟକ କରୁଥାନ୍ତି । ଯେଉଁ ବ୍ୟକ୍ତିମାନେ ଅନ୍ୟପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ଆଚରଣ କରନ୍ତି, ସେମାନେ ନିଜେ କୌଣସି ହିଂସାକାଣ୍ଡର ଶରବ୍ୟ ହୋଇଥାନ୍ତି ଓ ଭବିଷ୍ୟତରେ ହିଂସା ଆଚରଣ କରିପାରନ୍ତି । ଗବେଷଣାରୁ ଜଣାଯାଏ ଯେ, ଯୁବାବସ୍ଥାରେ ଯେଉଁ ବ୍ୟକ୍ତିମାନେ ପଶୁପକ୍ଷୀଙ୍କ ପ୍ରତି ନିଷ୍ଠୁର ଆଚରଣ କରିଥାନ୍ତି, କାରଣ ସେମାନେ ନିଜ ପରିବାର ଭିତରେ ସେଭଳି ଘଟଣା ଦେଖିଥାନ୍ତି କିମ୍ବା ସମ୍ଭବତଃ ତାହାର ଶରବ୍ୟ ହୋଇଥାନ୍ତି । ତେଣୁ ସେମାନେ ନିଜର ଆକ୍ରୋଶକୁ ପଶୁପକ୍ଷୀଙ୍କ ଉପରେ ଚରିତାର୍ଥ କରିପାରନ୍ତି କିମ୍ବା ତାହା ମାଧ୍ୟମରେ ସେଭଳି ଘଟଣାର ପୁନରାବୃତ୍ତି କରିପାରନ୍ତି । କୌଣସି ବ୍ୟକ୍ତି ପ୍ରାଣୀମାନଙ୍କୁ ଆଘାତ ଦେବା କିମ୍ବା ହତ୍ୟା କରିବା ଘଟଣାରୁ ଆଉ ଏକ ସତର୍କ ସଂକେତ ମଧ୍ୟ ମିଳିଥାଏ ଏବଂ ତାହା ହେଉଛି ସଂପୃକ୍ତ ବ୍ୟକ୍ତି ହୁଏତ ଆତ୍ମହତ୍ୟା କରିବା ପାଇଁ ଚିନ୍ତା କରୁଥାଇ ପାରନ୍ତି । ତେଣୁ ଜୀବ ପ୍ରତି ନିଷ୍ଠୁରତା ଘଟଣା ସଂପର୍କରେ ଜଣାଇବା ଦ୍ୱାରା ଆପଣ ଯେ କେବଳ ଜୀବଜନ୍ତୁଙ୍କୁ ରକ୍ଷା କରିପାରିବେ ତା' ନୁହେଁ, ଅଧିକନ୍ତୁ ସଂପୃକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରିବେ ।

## ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ଘଟଣା ସମ୍ପର୍କରେ କାହିଁକି ଜଣାଇଥିବା ଆବଶ୍ୟକ ?

ମୋଟାମୋଟି ଭାବେ କହିବାକୁ ଗଲେ ଏହା ଜୀବନ ରକ୍ଷା ପାଇଁ ଉଦ୍ଦିଷ୍ଟ । ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ଘଟଣା ହେଉଛି ଏକ ସତର୍କ ସୂଚନା, ଯାହାକୁ ଗୁରୁତ୍ୱର ସହ ବିଚାର କରାଯିବା ଉଚିତ୍ । ସେ ପ୍ରକାର ଘଟଣା ସଂପର୍କରେ ଜଣାଇବା ଦ୍ୱାରା ସଂପୃକ୍ତ କିଶୋର ବୟସର ପିଲାମାନଙ୍କୁ ମଧ୍ୟ ଆମେ ଆବଶ୍ୟକୀୟ ସହାୟତା ଦେଇପାରିବା ।

## ଜୀବ ପ୍ରତି ନିଷ୍ଠୁରତା ଏକ ଅପରାଧ କି ?

ଜୀବ ପ୍ରତି ନିଷ୍ଠୁରତା ଏକ ଅପରାଧ । ଏହାକୁ ଅପରାଧ ଆଖ୍ୟା ଦେବା ଦ୍ୱାରା ସରକାର ସମାଜକୁ ସେଭଳି ଅପରାଧରୁ ମୁକ୍ତ କରିବା କିମ୍ବା ସେଭଳି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ସଂଶୋଧିତ କରିବାର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ପଶୁପକ୍ଷୀଙ୍କ ପ୍ରତି ଦୁର୍ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଅଦାଲତ ସେଥିପାଇଁ ଦାୟୀ କରି ଦୋଷୀ ସାବ୍ୟସ୍ତ କରିଥାଏ । ବିଦେଶରେ ସେ ପ୍ରକାର ଅପରାଧ କରୁଥିବା ବ୍ୟକ୍ତି ତଥା ତାଙ୍କ ପରିବାରବର୍ଗଙ୍କୁ ଅଦାଲତ ମନୋରୋଗ ଚିକିତ୍ସକଙ୍କ ନିକଟକୁ ଯିବା ପାଇଁ ଅନେକ ସମୟରେ ବାଧ୍ୟ କରିଥାନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଏ ସଂକ୍ରାନ୍ତରେ ଆମ ଦେଶର ଅଦାଲତ ଓ ପୋଲିସଙ୍କ ଚିନ୍ତାଧାରା ଏବେ ବି ଆଦିବ ଯୁଗ ସ୍ତରରେ ରହିଛି । ତେବେ ପଡ଼ିଶା ଘରର କୌଣସି ଯୁବକଙ୍କୁ ସେଭଳି କାର୍ଯ୍ୟ କରୁଥିବାର ଦେଖିଲେ ଆପଣ ତାଙ୍କୁ ଭବିଷ୍ୟତରେ ସେଥିରୁ ନିବୃତ୍ତ କରାଇପାରନ୍ତି ।

## ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ଓ ମାନବୀୟ ହିଂସା ମଧ୍ୟରେ କୌଣସି ସମ୍ବନ୍ଧ ରହିଛି କି ?

ନିଶ୍ଚିତ ଭାବେ ରହିଛି । ମନୋବିଜ୍ଞାନ, ସମାଜବିଜ୍ଞାନ ଏବଂ ଅପରାଧ ବିଜ୍ଞାନ କ୍ଷେତ୍ରରେ ଗତ ୨୫ ବର୍ଷ ମଧ୍ୟରେ ହୋଇଥିବା ଅନୁଧ୍ୟାନରୁ ଅତି ହିଂସ୍ର ଅପରାଧୀମାନେ ସେମାନଙ୍କ ବାଲ୍ୟକାଳ କିମ୍ବା କିଶୋର ଅବସ୍ଥାରେ ଜୀବଜନ୍ତୁଙ୍କ ପ୍ରତି ବାରମ୍ବାର ଅତି ଗୁରୁତର ନିଷ୍ଠୁରତା ଆଚରଣ କରିଥିବାର ଜଣାପଡ଼ିଛି । ୧୯୭୦ ଦଶକରୁ ଏଫ୍.ବି.ଆଇ. ଏଭଳି ସମ୍ବନ୍ଧକୁ ସ୍ୱୀକୃତି ଦେଇଛି । ସିରିଏଲ ହତ୍ୟାକାରୀମାନଙ୍କ ବାଲ୍ୟାବସ୍ଥା ସଂପର୍କରେ ଉକ୍ତ ସଂସ୍ଥା ସମୀକ୍ଷା କରିବା ସମୟରେ ଏହା ଜାଣିପାରିଛି । ନିଜର ପତ୍ନୀ, ପିଲାଛୁଆ ଏବଂ ପରିବାରର ବରିଷ୍ଠ ସଦସ୍ୟଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବାଲ୍ୟକାଳ ସମ୍ପର୍କରେ ଅନୁଧ୍ୟାନରୁ ମଧ୍ୟ ପ୍ରାଣୀ ପ୍ରତି ନିଷ୍ଠୁରତା ସହ ତା'ର ସମ୍ବନ୍ଧ ଥିବାର ଜଣାଯାଏ ।

## ପଶୁପକ୍ଷୀଙ୍କ ପ୍ରତି ହେଉଥିବା ନିଷ୍ଠୁରତାକୁ କିଭଳି ରୋକିବେ ?

ଏ ଦିଗରେ ଆପଣ ଅନେକ କିଛି କରିପାରିବେ । ନିଜେ ନିଜର ବନ୍ଧୁ ଓ ଅନ୍ୟାନ୍ୟ ଛୋଟ ଛୋଟ ପିଲାଙ୍କ ପାଇଁ ପଶୁପକ୍ଷୀଙ୍କ ପ୍ରତି ଦୟାଳୁତାର ଏକ ଦୃଷ୍ଟାନ୍ତ ହୁଅନ୍ତୁ । ପ୍ରାଣୀମାନଙ୍କୁ ଆଘାତ ଦେବା ଠିକ୍ ନୁହେଁ ବୋଲି ଅନ୍ୟମାନଙ୍କୁ ଜାଣିବାର ସୁଯୋଗ ଦିଅନ୍ତୁ । ପତ୍ରପତ୍ରିକାରେ ସେ ସମ୍ପର୍କିତ ଲେଖା ପ୍ରକାଶ କରନ୍ତୁ । ନିଜସ୍ୱ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳରେ ପ୍ରାଣୀ ଆଶ୍ରୟସ୍ଥଳ ଓ ମାନବିକ ସଂଗଠନ ପ୍ରତିଷ୍ଠା କରନ୍ତୁ । ଶୈକ୍ଷିକ ଭିଡିଓ ଏବଂ ବୃତ୍ତଚିତ୍ର ମାଧ୍ୟମରେ ପ୍ରାଣୀମାନଙ୍କ ସମ୍ପର୍କରେ ଶିକ୍ଷାଲାଭ କରନ୍ତୁ । ପ୍ରାଣୀଙ୍କ ପ୍ରତି ହେଉଥିବା ନିଷ୍ଠୁରତା ସମ୍ପର୍କରେ ଜଣାନ୍ତୁ । ସେ ସମ୍ପର୍କରେ ଅନ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ଏକ କ୍ଲବ ପ୍ରତିଷ୍ଠା କରନ୍ତୁ । ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରକାଶ କରନ୍ତୁ ଏବଂ ଅନ୍ୟମାନଙ୍କୁ ସେ ଦିଗରେ ଉତ୍ସାହିତ କରନ୍ତୁ । ଏହା ଫଳରେ ଆପଣ ଜୀବଜନ୍ତୁ ଓ ମନୁଷ୍ୟ ଉଭୟଙ୍କ ପାଇଁ ଏକ ଭିନ୍ନ ପରିବେଶ ସୃଷ୍ଟି କରିପାରିବେ ।

*(ସୌଜନ୍ୟ - 'ଧରିତ୍ରୀ' ତା୦୫/୧୦/୨୦୦୬ ରିଖ ସଂଖ୍ୟାରୁ ଉଦ୍ଧୃତ)*



ଜୀବପ୍ରତି ସମ୍ବେଦନଶୀଳତା